ସକାଳ
THE SAKALA
Jeypore - 26 Feb 2022 - Page 4

# 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ



**କୋରାପୁଟ,୨୫।୨(ସମିସ):** ଏକ ଭାରତ ଶ୍ରେଷ୍ଠ ଭାରତ ଯୋଜନାଅଧୀନରେଓଡ଼ିଶାକେନ୍ଦ୍ରୀୟବିଶ୍ୱବିଦ୍ୟାଳୟକୋରାପୁଟ ଓଅନ୍ତରାଷ୍ଟ୍ରୀୟହିନ୍ଦୀବିଶ୍ୱବିଦ୍ୟାଳୟୱାର୍ଦ୍ଧାରମିଳିତଅନୁକଲ୍ୟରେ 'ମହାରାଷ୍ଟ୍ରର ଆଧ୍ୟାତ୍ମିକ ପରମ୍ପରା' ବିଷୟବସ୍ତୁ ଉପରେ ଏକ ବିଶେଷ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହରି ଭକ୍ତ ପାରାୟଣ ଚାରୁଦତ ଆଫେଟ ମହାରାଜ (ପୁନେ) ଏବଂ ନୂଆଦିଲ୍ଲୀ ଇଗ୍ନୋର ଆସୋସିଏଟ୍ ପ୍ରଫେସର ଡକ୍ଟର ବିଷ୍ଣୁ ମୋହନ ଦାସ ଉପସ୍ଥିତ ରହି ବକ୍ତୃତା ପ୍ରଦାନ କରିଥିଲେ । ଏକ ଭାରତ ଶ୍ରେଷ୍ଠ ଭାରତ ମାଧ୍ୟମରେ ଓଡ଼ିଶା ଏବଂ ମହାରାଷ୍ଟ୍ରର ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ ତଥା ଭାଷା ସାହିତ୍ୟ ଏବଂ ପର୍ଯ୍ୟଟନର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରାଯିବ । ଆଗାମୀ ବର୍ଷରେ ଏହି ଦିଗରେ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରି ସଂସ୍କୃତି, ପର୍ଯ୍ୟଟନକୁ ପ୍ରଦର୍ଶିତ କରାଯିବ ବୋଲି ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା କହିଥିଲେ । ମାହାତ୍ମା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶୁକ୍ଳା ଭାରତର ସର୍ବୋତ୍ତମ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପରମ୍ପରା ଉପରେ ଶିବାଜୀ ଛତ୍ରପତି ମହାରାଜ, ପ୍ରଭୁ ଆଦି ଶଙ୍କରାଚାର୍ଯ୍ୟ, ସିକନ୍ଦର ତୁକାରାମ୍, ପ୍ରଭୁ ଜଗନ୍ନାଥ, ବିଠଲ ଏବଂ ପାଣ୍ଡୁରଙ୍ଗା ମହାରାଜଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ହରି ଭକ୍ତ ପାରାୟଣ ମହାରାଜ (ପୁନେ) ଅନଲାଇନ୍ ମାଧ୍ୟମରେ ଉପସ୍ଥିତ ରହି ଭାରତର ଆଧ୍ୟାତ୍ମିକ ଶକ୍ତି ଭାରତକୁ ଶ୍ରେଷ୍ଠ କରିବାରେ ସହାୟକ ହୋଇଛି ବୋଲି କହିଥିଲେ । ଆଧ୍ୟାତ୍ମିକତା ହେଉଛି ଆମର ଶିକ୍ଷା ଏବଂ ପ୍ରଗତିର ମୌଳିକ ଶକ୍ତିର ଉତ୍ସ ବୋଲି କହିବା ସହ ମହାରାଷ୍ଟ୍ରର ଆଧ୍ୟାତ୍ମିକ ପରମ୍ପରାକୁ ବର୍ଣ୍ଣନା କରି ସେ କହିଥିଲେ, ମହାରାଷ୍ଟ୍ରରେ ଆଧ୍ୟାତ୍ମିକତାର ମୂଳଦୁଆ ସନ୍ଥ ଜ୍ଞାନେଶ୍ୱର ମହାରାଜଙ୍କ ଦ୍ୱାରା ସ୍ଥାପିତ ହୋଇଛି । ସେ 'ଜଗତ ହେଉଛି ମୋର ଘର' ବାର୍ତ୍ତା ଦେଇ ଜଗତର କଲ୍ୟାଣ ପାଇଁ କାମନା କରିଥିଲେ । ଚାରୁଦତ୍ତ ମହାରାଜ, ସନ୍ଥ ଏକନାଥ ମହାରାଜଙ୍କ ଜାତିଗତ ଭେଦଭାବ ଦୂର କରିବା କାର୍ଯ୍ୟ ଉପରେ ଆଲୋଚନା କରିବା ବେଳେ ସେ କହିଥିଲେ, ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସନ୍ଥ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପଦକ୍ଷେପ ନେବା ଉଚିତ୍ ବୋଲି କହିଥିଲେ । ମହାତ୍ମାଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱ ବିଦ୍ୟାଳୟ ୱାର୍ଦ୍ଧାର ଏକ ଭାରତ ଶ୍ରେଷ୍ଠ ଭାରତର ନୋଡାଲ ଅଧିକାରୀ ଡ. ପ୍ରିୟଙ୍କା ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଏକ ଭାରତ ଶ୍ରେଷ୍ଠ ଭାରତ ନୋଡ଼ାଲ ଅଧିକାରୀ ଡ. ସୌରଭ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବହୁ ସଂଖ୍ୟକ ଶିକ୍ଷକ, ଅଧିକାରୀ, ଗବେଷକ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ପ୍ରମେୟ PRAMEYA @ 10 YEARS

ପ୍ରମେୟ
THE PRAMEYA

PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/18-20
ବର୍ଷ ୧୧ | ସଂଖ୍ୟା ୨୯୬ | ଜୟପୁର
୨୬ ଫେବୃଆରୀ ୨୦୨୨ | ଶନିବାର

16 PAGES | ₹7.00
VOLUME 11 | ISSUE 296 | JEYPORE
26 FEBRUARY 2022 | SATURDAY

www.prameya.com prameyaodia prameyaodia

# ସିୟୁରେ ଏକ ଭାରତ ଶ୍ରେଷ୍ଠ ଭାରତ ସପ୍ତାହ



କୋରାପୁଟ,୨୫ ।୨(ଆପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ମହାରାଷ୍ଟ୍ରର ମାହାତ୍ମା ଗାନ୍ଧୀ ଅନ୍ତରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ ଏକ ଭାରତ ଶ୍ରେଷ୍ଠ ଭାରତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାରାଷ୍ଟ୍ରର ଆଧ୍ୟାତ୍ମିକ ପରମ୍ପରା ଉପରେ ଏକ ବକ୍ତୃତା କାର୍ଯ୍ୟକ୍ରମ ଉଭୟ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତକୁମାର ପଳିତା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁଣେର ମହାରାଜ ଚାରୁଦତ୍ତ ଆପ୍ଟେ ଓ ଦିଲ୍ଲୀ ଇଗ୍ନୋ ସହକାରୀ ପ୍ରଫେସର ଡ. ବିଷ୍ଣୁମୋହନ ଦାସ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ ମାଧ୍ୟମରେ ଓଡିଶା ଏବଂ ମହାରାଷ୍ଟ୍ରର ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରାଯିବ।

ଏହି ଯୋଜନା ଅଧୀନରେ ପୂର୍ବରୁ ଉଭୟ ବିଶ୍ୱବିଦ୍ୟାଳୟ ଅନେକ କାର୍ଯ୍ୟକ୍ରମ ଅୟୋଜନ କରିଛି। ବିଶେଷ କରି ସଂସ୍କୃତି, ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପର୍କରେ ଅଧିକ ଆଲୋକପାତ କରାଯିବ ବୋଲି ବକ୍ତାମାନେ କହିଛନ୍ତି। ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶୁକ୍ଳା ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରା ଉପରେ ଛତ୍ରପତି ଶିବାଜୀ, ଆଦି ଶଙ୍କରାଚାର୍ଯ୍ୟ, ସିକନ୍ଦର ତୁକାରାମ, ଜଗନ୍ନାଥ, ବିଠଲ ଏବଂ ପାଣ୍ଡୁରଙ୍ଗ ମହାରାଜଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ହରିଭକ୍ତ ପରାୟଣ ଶ୍ରୀ ଆପ୍ଟେ ଭାରତର ଆଧ୍ୟାତ୍ମିକ ଶକ୍ତି ଭାରତକୁ ଶ୍ରେଷ୍ଠ କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସନ୍ଥ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ପଦକ୍ଷେପ ନେବା ଉଚିତ୍ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ହିନ୍ଦୀ ବିଶ୍ୱବିଦ୍ୟାଳୟର ନୋଡାଲ ଅଧିକାରୀ ଡ.ପ୍ରିୟଙ୍କା ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡକ୍ଟର ସୌରଭ ଗୁପ୍ତାଙ୍କ ସମେତ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ।

102 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Saturday 26 February 2022
- କୋରାପୁଟ, ଶନିବାର ୨୬ ଫେବୃଆରୀ ୨୦୨୨
- ଆଜି କୁମ୍ଭ ୧୪ ଦିନ, ୧୪୨୯ ସାଲ
- ଫାଲଗୁନ ୭ ଦିନ, ୧୯୪୩ ଶକାବ୍ଦ, କୃଷ୍ଣପକ୍ଷ ଦଶମୀ
- ଭାଗ- ୯୩ ସଂଖ୍ୟା- ୫୬
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୬ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ ।
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ।।
(ଗୀତା : ୯-୧୪)



ସେହି ଦୃଢ଼ ନିଶ୍ଚୟୀ ଭକ୍ତମାନେ ନିରନ୍ତର ମୋର ନାମ ଓ ଗୁଣ କୀର୍ତ୍ତନ କରି, ମୋର ପ୍ରାପ୍ତି ପାଇଁ ଯତ୍ନ କରି, ବାରମ୍ବାର ପ୍ରଣାମ କରି ଧ୍ୟାନରେ ଲାଗି ରହି ଅନନ୍ୟ ପ୍ରେମରେ ମୋର ଉପାସନା କରନ୍ତି ।

# 'ଏକ ଭାରତ ଶ୍ରେଷ୍ଠ ଭାରତ ସପ୍ତାହ'

ସୁନାବେଡା,୨୫ ।୨(ନି.ପ୍ର.): ସୁନାବେଡାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' ଯୋଜନା ଅଧୀନରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ମହାତ୍ମା ଗାନ୍ଧୀ ଅନ୍ତରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟ ୱାର୍ଧାର ମିଳିତ ଆନୁକୂଲ୍ୟରେ ମହାରାଷ୍ଟ୍ରର ଆଧ୍ୟାତ୍ମିକ ପରମ୍ପରା ବିଷୟବସ୍ତୁ ଉପରେ ଏକ ବକ୍ତୃତା କାର୍ଯ୍ୟକ୍ରମ ଅଫଲାଇନ ଓ ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପାଳିତା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏକ ଭାରତ ଶ୍ରେଷ୍ଠ ଭାରତ ମାଧ୍ୟମରେ ଓଡ଼ିଶା ଓ ମହାରାଷ୍ଟ୍ରର ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ ତଥା ଭାଷା ସାହିତ୍ୟ ଏବଂ ପର୍ଯ୍ୟଟନର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରାଯିବ ବୋଲି କହିଛନ୍ତି । ନୂଆଦିଲ୍ଲୀ ଇଗ୍ନୋଇଉ ଆସୋସିଏଟ ପ୍ରଫେସର ଡ. ବିଷ୍ଣୁ ମୋହନ ଦାସ ଯୋଗଦେଇ ସାରଗର୍ଭକ ଭାଷଣରେ ଭାରତର ଆଧ୍ୟାତ୍ମିକ ଶକ୍ତି ଭାରତକୁ ଶ୍ରେଷ୍ଠ କରିବାରେ ସହାୟକ କରିଛି । ଆଧ୍ୟାତ୍ମିକ ହେଉଛି ଆମର ଶିକ୍ଷା ଏବଂ ପ୍ରଗତିର ମୌଳିକ ଶକ୍ତିର ଉତ୍ସ । ବିଭିନ୍ନ ସନ୍ଥ କିପରି ଜାତିଗତ ଭେଦଭାବ ଦୂର କରିବା କାର୍ଯ୍ୟ କରିଥିଲେ ସେ ଉପରେ ଆଲୋକପାତ କରିଥିଲେ । ଆଧ୍ୟାତ୍ମିକତାକୁ ଗୁରୁତ୍ୱ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ସନ୍ଥ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ପଦକ୍ଷେପ ନେବା ଉଚିତ ବୋଲି ବୋଲି କହିଛନ୍ତି । ମହାତ୍ମା ଗାନ୍ଧୀ ଅନ୍ତଃ ରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶୁକ୍ଳା ଯୋଗଦେଇ ଭାରତର ସର୍ବୋତ୍ତମ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଭାରତ ଏକ ଶ୍ରେଷ୍ଠ ରାଷ୍ଟ୍ର ବୋଲି ଅଭିହିତ କରି ପ୍ରଫେସର ଶୁକ୍ଳା କହିଥିଲେ ଯେ ଓଡ଼ିଶାର ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଏବଂ ମହାରାଷ୍ଟ୍ରର ପଣ୍ଡରପୁର ଏକ ଭାରତକୁ ପ୍ରତିନିଧିତ୍ୱ କରୁଛି । ଡ. ପ୍ରିୟଙ୍କା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଡ. ସୌରଭ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଗବେଷକ, ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

BHUBANESWAR, MONDAY FEBRUARY 28, 2022; PAGES 12 ₹4
*Air Surcharge Extra if Applicable
the pioneer
www.dailypioneer.com




INDIA HOLD SL TO 146-5
12 SPORT

# CUO, MGAHVV hold EBSB-AKAM Week

**PNS** ■ KORAPUT

The Central University of Odisha (CUO) and the Mahatma Gandhi Antarrashtriya Hindi Viswavidyalaya, Wardha are jointly organising the Ek Bharat Shreshtha Bharat Week under Azadi Ka Amrit Mahotsav. The event began on February 24 and will continue till March 15.

Under the programme, the students of both universities will be engaged in joint exercises in virtual mode as per Union Ministry of Education guidelines.

The inaugural webinar of the EBSB-AKAM Week was held in virtual mode on the theme, Maharashtra Ki Adhyatmik Parampara on February 24. The programme was held in physical mode at the auditorium of MGAHVV, Wardha and students and faculty joined the meeting online. The inaugural lecture was delivered by Vice Chancellor I/C, CUO Prof SK Palita. Prof Palita called for a yearlong structured activity between the two institutions.

The first resource person of the programme was Dr Vishnu Mohan Das, Faculty of IGNOU, New Delhi who highlighted the cultural similarities between Odisha and Maharashtra by referring to ancient philosophical texts and literature. Hari Bhaktparayan Charudatt Aphte Maharaj, Pune was the chief guest of the programme. In his talk, Maharajji traced the rich tradition of spirituality and religious philosophy of Maharashtra by refereeing to work and thought of sages like Gyaneswariji, Eknath Maharaj, Tukaram Maharaj and Ramdas Swamiji.

Vice Chancellor, MGAHVV, Wardha Prof Rajneesh Kumar Shukla in his presidential speech traced the making of the nation State of India after independence.

He recalled how different parts of India came under attack from foreign invaders. He also highlighted how the unity of the country was implicit in the traditions of the country.

c m y k

ORISSA TIMES

THE OLDEST ENGLISH & ORIYA (Bi- lingual) DAILY OF ODISHA - ESTD-1965

Founder late R.P. SHASTRY

Volume-35, Issue- 310 No of Page.8 Price Rs.2.00, RNI 04285/65, POSTAL Regd. No OR-BN-DN-31/06-08 BHUBANESWAR Saturday 26 Februay 2022

# EBSB AKAM Week by CUO, Koraput and MGAHVV, Wardha inaugurated



Koraput25/02 (OTNS) : The Central University of Odisha and Mahatma Gandhi Antarrashtriya Hindi Viswavidyalaya, Wardha is jointly organizing the Ek Bharat Shreshtha Week under Azadi ka Amrit Mahotsav from 24 February 2022 to 15 March 2022. Under this programme, the students of both universities are engaged in joint exercises in virtual mode as per Ministry of Education guidelines.The Inaugural Webinar of the EBSB-AKAM Week was held in virtual mode on the theme, Maharashtra Ki Adhyatmik Parampara on 24 February 2022. The programme was held in physical mode at the auditorium of MGAHVV, Wardha and students & faculty joined the meeting online. The inaugural lecture was delivered by Prof S K Palita, Vice Chancellor I/C, CUO. Prof Palita highlighted the concept of EBSB and recalled the long association and activities between the two universities under EBSB. He called for a yearlong structured activity between the two institutions. The first resource person of the programme was Dr. Vishnu Mohan Das, Faculty of IGNOU, New Delhi who highlighted the cultural similarities between Odisha and Maharashtra by referring to ancient philosophical texts and literature.Hari Bhaktparayan Shri Charudatt Aphte Maharaj, Pune was the Chief Guest of the programme. In his talk, Maharajji traced the rich tradition of spirituality and religious philosophy of Maharashtra by refereeing to work & thought of sages like Shri Gyaneswariji, Eknath Maharaj, Tukaram Maharaj and Ramdas Swamiji.Prof Rajneesh Kr Shukla, Vice Chancellor, MGAHVV, Wardha in his presidential speech, traced the making of the nation state of India after independence. He recalled how different parts of India came under attack from foreign invaders. He also highlighted how the unity of the country was implicit in the traditions of the country and emphasized that there is an Antarnihit Ekata or inherent unity in India in terms of culture which should be explored under EBSB. To exemplify his statement he compared the worship of Vitthal and Bhawani in Maharashtra to that of Lord Jagannath & Ma Kaali in Odisha. He concluded by hoping that the EBSB AKAM Week will help to build a Yogya Nagarik Bharat.Dr. Sourav Gupta, Nodal Officer, Ek Bharat Shreshtha Bharat, CUO proposed the official vote of thanks. The programme was coordinated by EBSB Team of MGAHVV, Wardha comprising Dr Priyanka Mishra, Nodal Officer, Dr Surya Prakash Pandey, Dy. Nodal Officer and Dr Yasharth Manjul, Dy. Nodal Officer.